# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 1, CUTTACK, TUESDAY, OCTOBER 5, 2021 / ASWINA 13, 1943**


## ଓଡିଶା ବସ୍ତି ବାସିନ୍ଦାମାନଙ୍କର ଭୂମି ଅଧିକାର **(**ସଂଶୋଧନ**)** ବିଧେୟକ**, 2021**

ଓଡିଶା ବସ୍ତି ବାସିନ୍ଦାମାନଙ୍କର ଭୂମି ଅଧିକାର ଅଧିନିୟମ**, 2017**କୁ

ସଂଶୋଧନ କରିବା ନିମନ୍ତେ

ଏକ

ବିଧେୟକ**.**

ଭାରତ ଗଣରଜ୍ୟର ବାସ୍ତରିତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :-

ସଂକ୍ଷିପ୍ତ ନାମ. 1. ଏହି ଅଧିନିୟମଟି ଓଡିଶା ବସ୍ତି ବାସିନ୍ଦାମାନଙ୍କର ଭୂମି ଅଧିକାର (ସଂଶୋଧନ) ଅଧିନିୟମ, 2021 ନାମରେ ଅଭିହିତ ହେବ ।

ଧାରା 3 ସଂଶୋଧନ 2. ଓଡିଶା ବସ୍ତି ବାସିନ୍ଦାମାନଙ୍କର ଭୂମି ଅଧିକାର ଅଧିନିୟମ, 2017 ର ଧାରା 3 ର ଉପ-ଧାରା (2) ର ଖଣ୍ଡ (କ) ର ପ୍ରଥମ ଓ ଦ୍ୱିତୀୟ ପରନ୍ତୁକଗୁଡିକ ବଦଳରେ ନିମ୍ନଲିଖିତ ପରନ୍ତୁକମାନ

ପ୍ରତିସ୍ଥାପିତ ହେବ, ଯଥା :-

"ପରନ୍ତୁ ଯେଉଁସ୍ଥଳେ ଜଣେ ବସ୍ତି ବାସିନ୍ଦା ମୌଳିକ ସ୍ଥାନରେ ବନ୍ଦୋବସ୍ତ ପାଇପାରୁନଥିବେ ସେହିସ୍ଥଳେ , ପୁନରବସତି ଜାଗାରେ ତାଙ୍କ ନାମରେ ତିରିଶି ବର୍ଗମିଟର ପର୍ଯ୍ୟନ୍ତ ଜାଗା ବନ୍ଦୋବସ୍ତ କରାଯିବ:

ଅଧିକନ୍ତୁ ଯେଉଁ ସ୍ଥଳେ ଉପ ଖଣ୍ଡ (i ) ଓ ଉପ ଖଣ୍ଡ (ii ) ରେ ଉଲ୍ଲିଖିତ ଯେକୋଣସି ଅଂଚଳ ରେ ବସ୍ତି ବାସିନ୍ଦା , ସେଥିରେ ଉଲ୍ଲିଖିତ ଭୂମି ଠାରୁ କମ ଭୂମି ଦଖଲ କରୁଥିବେ, ସେହି ସ୍ଥଳେ ଉକ୍ତ ବସ୍ତି ବାସିନ୍ଦାଙ୍କ ପ୍ରକୃତ ଦଖଲରେ ଥିବା ଭୂମି, ବା ଉକ୍ତ ବସ୍ତି ବାସିନ୍ଦାଙ୍କ ବାସଗୃହ ସନ୍ନିକଟରେ ଭୂମି ଉପଲବ୍ଧି ଥିଲେ, ସେଠାରେ ତିରିଶି ବର୍ଗମିଟର ପର୍ଯ୍ୟନ୍ତ ଭୂମି - ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ, ସେତିକି ଭୂମି ବନ୍ଦୋବସ୍ତ କରାଯିବ."

# ଉଦ୍ଦେଶ୍ୟ ଓ କାରଣ କଥନ

୧. ଓଡିଶା ବସ୍ତି ବାସିନ୍ଦାଙ୍କ ପାଇଁ ଜମି ଅଧିକାର ଅଧିନିୟମ ୨୦୧୭, ସହରାଞ୍ଚଳରେ ବସ୍ତିବାସିନ୍ଦା ମାନଙ୍କୁ ଜମି ଅଧିକାର ନ୍ୟସ୍ତ କରାଯିବା ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଛି ।

୨. "ଓଡ଼ିଶାର ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଗୃହ  ନୀତି" ମୁତାବକ ଅର୍ଥନୈତିକ ଅନଗ୍ରସର ବର୍ଗର ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ଗୃହର carpet କ୍ଷେତ୍ରର ଆୟତନ ଅନ୍ତତଃ ୨୧ ବର୍ଗ ମିଟର ରହିବା ଆବଶ୍ୟକ । ଏହି ନୀତିର ବ୍ୟବସ୍ଥାକୁ ବିଚାରକୁ ନେଇ ଅନୁଭବ କରାଯାଉଛି ଯେ ଯଦି କୌଣସି ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗ ମିଟରରୁ କମ ଜମି ଦାଖଲ କରୁଥାନ୍ତି ତେବେ ସେଭଳି ବସ୍ତିବାସିନ୍ଦାଙ୍କୁ ଅନ୍ୟୂନ ୩୦ ବର୍ଗ ମିଟର ଜମି ଯୋଗାଇ ନଦେଲେ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ଅନ୍ୟ ସରକାରୀ ବାସଗୃହ ଯୋଜନାରୁ ବଂଚିତ ହେବେ । ତେଣୁ ଯଦି  ତାଙ୍କ ଦଖଲରେ ଥିବା ଜମି ପାଖରେ କିଛି ଖୋଲାସ୍ଥାନ ଥାଏ ତେବେ ସେଭଳି ସ୍ଥାନକୁ ମିଶାଇ ଅନ୍ତତଃ ୩୦ ବର୍ଗ ମିଟର ଜମି ଉପରେ ତାଙ୍କର ଅଧିକାର ନ୍ୟସ୍ତ କରାଯିବା ବିଧେୟ ।

୩. ବସ୍ତି ଅଂଚଳରେ ମୌଳିକସେବା ଓ ଭିତ୍ତିଭୂମି ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟର ବୃହତ ସ୍ୱାର୍ଥ ନିମନ୍ତେ ଉପରୋକ୍ତ ସଂଶୋଧନ ବ୍ୟବସ୍ଥାର ଆବଶ୍ୟକତା ରହିଛି ।

୪. ଏଣୁ ଓଡିଶା ବସ୍ତି ବାସିନ୍ଦାଙ୍କ ପାଇଁ ଜମି ଅଧିକାର ଅଧିନିୟମ ୨୦୧୭ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି ।

ଏହି ବିଲ୍ ଟି ଉପରୋକ୍ତ ଉଦ୍ଦେଶ୍ୟ ସାଧନରେ ସହାୟକ ହେବ ।

[ପ୍ରତାପ ଜେନା ]

ମେମ୍ବର-ଇନ-ଚାର୍ଜ

## ଅନୁଲଗ୍ନ

ଓଡିଶା ବସ୍ତି ବାସିନ୍ଦାମାନଙ୍କର ଭୂମି ଅଧିକାର ଅଧିନିୟମ, 2017(ଓଡିଶା ଅଧିନିୟମ, 2017 ର 10) ରୁ ଉଦ୍ଧୃତ

* * * * * * *

(2) ଜଣେ ବସ୍ତି ବସିନ୍ଦାଙ୍କ ନାମରେ ଏହାପରେ ବିନିର୍ଦ୍ଦିଷ୍ଟ ପରିମାଣ ପର୍ଯ୍ୟନ୍ତ ଜମି ବନ୍ଦୋବସ୍ତ କରାଯିବ, ଯଥା :-

(କ) ଜଣେ ବସ୍ତି ବସିନ୍ଦା ଯଥା ସମ୍ଭବ ନିମ୍ନଲିଖିତ ମତେ ଭୂମି ପାଇବାକୁ ହକଦାର ହେବେ, –

(i) ପୌର ପରିଷଦ କ୍ଷେତ୍ର ମଧ୍ୟରେ ବସ୍ତିଟି ଥିଲେ , ସବାଧିକ ପଞ୍ଚଚାଳିଶି ବର୍ଗମିଟର ;

(ii) ଅଧିସୂଚିତ କ୍ଷେତ୍ର ପରିଷଦ ମଧ୍ୟରେ ବସ୍ତିଟି ଥିଲେ , ସର୍ବାଧିକ ପଞ୍ଚଷଠି ବର୍ଗମିଟର ;

ପରନ୍ତୁ ଯେଉଁସ୍ଥଳେ ବସ୍ତି ବସିନ୍ଦା ମୌଳିକ ସ୍ଥାନରେ ବନ୍ଦୋବସ୍ତ ପାଉନଥାନ୍ତି , ସେପରି ସ୍ଥଳେ , ଥଇଥାନ ସ୍ଥଳରେ ଭୂମିର ସର୍ବାଧିକ ସୀମା ତିରିଶ ବର୍ଗ ମିଟର ଠାରୁ ଅଧିକ ହେବନାହିଁ :

ଅଧିକନ୍ତୁ ଯେଉଁସ୍ଥଳେ ଜଣେ ବସ୍ତି ବସିନ୍ଦା ଉପ-ଖଣ୍ଡ (i ) ବା (ii) ରେ ଉଲ୍ଲିଖିତ କୌଣସି କ୍ଷେତ୍ରରେ ତହିଁରେ ଉଲ୍ଲିଖିତ କ୍ଷେତ୍ରଠାରୁ କମ ଭୂମିର ଦଖଲରେ ଥିବେ , ସେହିସ୍ଥଳେ ଉକ୍ତ ବସ୍ତି ବସିନ୍ଦାଙ୍କ ପ୍ରକୃତ ଦାଖଲରେ ଥିବା ଭୂମି ତଦନୁସାରେ ବନ୍ଦୋବସ୍ତ କରାଯିବ ।



Name: Director
Designation: PRTG, STY and PUBN eSign
Date: 10/7/2021 8:38:03 AM